ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
କେନ୍ଦ୍ରାପଡା ୧୪ ଡିସେମ୍ବର ୨୦୨୫ । ରବିବାର

# ଭାରୀ ଯାନରେ ଅସ୍ତବ୍ୟସ୍ତ କଳିଙ୍ଗନଗର: ଟ୍ରକ୍ ଡିପୋ ପାଇଁ ସାଂସଦଙ୍କ ଦାବି

**କଳିଙ୍ଗନଗର,୧୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଦିଲ୍ଲୀ ଠାରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଜୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଯାଜପୁର ଜିଲ୍ଲାର ଡୁବୁରୀ ଅଞ୍ଚଳରେ ଏକ ଆଧୁନିକ ଟ୍ରକ୍ ଡିପୋ ସ୍ଥାପନା ପାଇଁ ଦାବି ଜଣାଇଛନ୍ତି ଯାଜପୁର ସାଂସଦ ରବି ନାରାୟଣ ବେହେରା। ଦିଲ୍ଲୀ ଠାରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଜୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଯାଜପୁର ସାଂସଦ ରବି ନାରାୟଣ ବେହେରା ଯାଜପୁର ଜିଲ୍ଲାର ଡୁବୁରୀ ଅଞ୍ଚଳରେ ଏକ ଆଧୁନିକ ଟ୍ରକ୍ ଡିପୋ ସ୍ଥାପନା ପାଇଁ ଦୃଢ଼ ଦାବି ରଖିଥିବା ଜଣାପଡ଼ିଛି। ସେ କହିଥିଲେ ଯେ କଳିଙ୍ଗନଗର ଶିଳ୍ପାଞ୍ଚଳ ଦେଇ ପ୍ରତିଦିନ ଲକ୍ଷ ଲକ୍ଷ ଭାରୀଯାନ ଯାତାୟତ କରୁଥିବାରୁ ଟ୍ରାଫିକ୍ ଭିଡ଼, ଦୁର୍ଘଟଣା ଓ ପ୍ରଦୂଷଣ ଗଭୀର ସମସ୍ୟାର ଆକାର ଦେଖାଦେଇଛି। ଯାହାର ସ୍ଥାୟୀ ସମାଧାନ ନିମନ୍ତେ ଡୁବୁରୀରେ ଟ୍ରକ୍ ଡିପୋ ସ୍ଥାପନା ଅତ୍ୟାବଶ୍ୟକ। ଏହି ପ୍ରକଳ୍ପ ଆରମ୍ଭ ହେଲେ ଭାରୀ ଯାନ ପରିଚାଳନା ସୁଚାରୁରୂପେ ଯାଆ ଆସ କରିବା ସହ ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ କାର୍ଯ୍ୟକଳାପ ଗତିଶୀଳ ହେବ ବୋଲି ସେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଡୁବୁରୀରେ ଟ୍ରକ୍ ଡିପୋ ସ୍ଥାପନା ପାଇଁ ଉଠିଥିବା ଏହି ଦାବିକୁ କଳିଙ୍ଗନଗର ଶିଳ୍ପାଞ୍ଚଳର ସ୍ଥାନୀୟ ବାସିନ୍ଦା, ଉଦ୍ୟୋଗୀ ଓ ଯାନଚାଳକମାନେ ଖୁବ ସ୍ୱାଗତ କରିଥିବା ଦେଖାଯାଇଛି। ଦୀର୍ଘଦିନ ଧରି ଭାରୀ ଯାନ ଯାତାୟତ ଦ୍ୱାରା ଉପୁଜୁଥିବା ଟ୍ରାଫିକ୍ ଭିଡ଼, ଦୁର୍ଘଟଣା ଓ ପ୍ରଦୂଷଣ ସମସ୍ୟାର ସ୍ଥାୟୀ ସମାଧାନ ଭାବରେ ଏହି ପ୍ରକଳ୍ପକୁ ଦେଖାଯାଉଛି। ଏହା ରୂପାୟଣ ହେଲେ କଳିଙ୍ଗନଗର ଅଞ୍ଚଳର ଯାତାୟତ ବ୍ୟବସ୍ଥା ସୁଯାତାୟତ ହେବା ସହ ବିକାଶ ପଥରେ ଏକ ମାଇଲ୍‌ଷ୍ଟୋନ୍ ସାବ୍ୟସ୍ତ ହେବ ବୋଲି ସାଧାରଣ ମତ ପ୍ରକାଶ ପାଉଛି। କଳିଙ୍ଗନଗର ଶିଳ୍ପାଞ୍ଚଳ ଦେଇ ପ୍ରତିଦିନ ଲକ୍ଷ ଲକ୍ଷ ଭାରୀ ଯାନ ସହ ଚାରିଚକିଆ ଓ ଦୁଇଚକିଆ ଯାନର ନିରନ୍ତର ଚଳାଚଳ ହେଉଛି। ସୁକିନ୍ଦା ଖଣିରୁ କ୍ରୋମ ଓର, ବଳିପାହାଡ଼ ଓ କେଉଁଝର ଜିଲ୍ଲାରୁ ଆଇରନ ଓର, ତାଳଚେରରୁ କୋଇଲା, ପାରାଦ୍ୱୀପ ବନ୍ଦର ସହ ମାନପୁର ପ୍ଲାଟ୍‌ରୁ ଆସୁଥିବା କୋଇଲା ଏବଂ ବିଭିନ୍ନ କାରଖାନାର କଞ୍ଚାମାଲ ପରିବହନ ପାଇଁ ଭାରୀଯାନଗୁଡ଼ିକ ବିଭିନ୍ନ ରାସ୍ତା ଦେଇ ଦିନରାତି ଯାତାୟତ କରୁଛି। ଏହି ଅତ୍ୟଧିକ ଯାନ ଚାପର ପରିଣାମ ସ୍ୱରୂପ ଶିଳ୍ପାଞ୍ଚଳ ସହ ଆସପାସର ଅଞ୍ଚଳଗୁଡ଼ିକରେ ଟ୍ରାଫିକ୍ ଭିଡ଼ ଭୟାବହ ଆକାର ନେଇଥିବାବେଳେ, ନିୟମିତ ଦୁର୍ଘଟଣା ଘଟୁଥିବାରୁ ଜୀବନ ଓ ସମ୍ପତ୍ତିର କ୍ଷୟକ୍ଷତି ହେଉଛି। ସେଥିସହ ଭାରୀ ଯାନରୁ ନିସ୍ସରିତ ଧୂଳି, ଧୂଆଁ ଓ ଅତ୍ୟଧିକ ଶବ୍ଦ ପ୍ରଦୂଷଣ ସାଧାରଣ ଜନଜୀବନକୁ ଦୁର୍ଭଗରେ ପକାଇଦେଇଛି। ଫଳରେ କଳିଙ୍ଗନଗର ଅଞ୍ଚଳ ଧୀରେଧୀରେ ଏକ ଦୁର୍ଘଟଣାପ୍ରବଣ ଅଞ୍ଚଳ ଭାବରେ ପରିଚିତ ହେଉଛି। ଡୁବୁରୀରେ ଏକ ଆଧୁନିକ ଟ୍ରକ୍ ଡିପୋ ସ୍ଥାପନା ହେଲେ ଅଞ୍ଚଳରେ ସୃଷ୍ଟି ହେବ ନୂଆ ସୁଯୋଗ। ସେଥିସହ କୃଷକ, ଉଦ୍ୟୋଗୀ, ଡ୍ରାଇଭର ଓ ସ୍ଥାନୀୟ ଯୁବକମାନଙ୍କ ପାଇଁ ନୂତନ ଅର୍ଥନୈତିକ ସୁଯୋଗ ସୃଷ୍ଟି ହେବ। ଭାରୀଯାନମାନଙ୍କ ପାଇଁ ଏକ ସଂଗଠିତ ଆଧାର ମିଳିବ, ଯାହା ଦ୍ୱାରା ଅଞ୍ଚଳରେ ଟ୍ରାଫିକ୍ ଚାପ ମାନ୍ୟ ଭାବରେ କମିବ। ଭାରୀ ଯାନ ନିୟନ୍ତ୍ରିତ ଭାବେ ଯାତାୟତ କରିପାରିବାରୁ ସଡ଼କ ସୁରକ୍ଷା ବୃଦ୍ଧି ପାଇବ ଓ ଦୁର୍ଘଟଣା ହ୍ରାସ ପାଇବ। ସେଥିସହ ଏହି ପ୍ରକଳ୍ପକୁ କେନ୍ଦ୍ର କରି କୃଷକମାନେ ନିଜ ଉତ୍ପାଦ ସହଜରେ ବଜାରକୁ ପହଞ୍ଚାଇପାରିବେ।



# ଅଳିଆ ଗାଡ଼ି ଧକ୍କାରେ ଶିଶୁ ମୃତ

**ଅନୁଗୁଳ,୧୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଅଳିଆବୁହା ଗାଡ଼ି ଧକ୍କାରେ ଗଲା କୋମଳମତି ଶିଶୁ ଜୀବନ। ଅନୁଗୁଳ ଜିଲ୍ଲା ତାଳଚେର କୋଲିୟରୀ ଥାନା ଅନ୍ତର୍ଗତ ହାଣ୍ଡିଧୂଆଁ ଗଣେଶବିହାରରେ ଏଭଳି ଛାତିଥରା ଘଟଣା ଘଟିଛି। ଏଠାରେ ପୌରପରିଷଦର ଏକ ଅଳିଆବୁହା ଗାଡ଼ି ଏକ ଶିଶୁକୁ ଧକ୍କାଦେବାରୁ ଘଟଣାସ୍ଥଳରେ ହିଁ ତା'ଜୀବନ ଚାଲିଯାଇଛି। ସୂଚନା ମୁତାବକ, ତାଳଚେର ପୌରପରିଷଦ ପକ୍ଷରୁ ୨୧ଟି ଓ୍ୱାର୍ଡ଼ରେ ପରିମଳ ବ୍ୟବସ୍ଥା ପାଇଁ ୪ଚକିଆ ଟାଟା ଏସି ଗାଡ଼ି ନିୟୋଜିତ କରାଯାଇଛି। ଏହି ଗାଡ଼ି ଅଳିଆ ଉଠେଇବାକୁ ଯିବା ବେଳେ ଭୁଲ ବଶତଃ ଛୁଆଟିକୁ ଧକ୍କା ଦେଇଥିଲା। ଫଳରେ ତା'ଜୀବନ ଚାଲିଯାଇଛି। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳବାସୀ ଗାଡ଼ିକୁ ଅଟକାଇବା ସହ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୋଲିସ ପହଞ୍ଚି ଗାଡିକୁ ଅଟକାଇ ଏକ ମାମଲା ରୁଜୁ କରିବା ସହ ଶିଶୁର ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାକୁ ନେଇ କଲୋନୀରେ ଶୋକର ଛାୟା ଖେଳି ଯାଇଛି।

# ବିଦ୍ୟାଳୟକୁ ଫେରିଲେ ଅଧାରୁ ପାଠ ଛାଡିଥିବା ଶିକ୍ଷାର୍ଥୀ



**ବୁଗୁଡ଼ା,୧୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ ଚିନ୍ମୟ ମହାପାତ୍ରଙ୍କ ବଳିଷ୍ଠ ତତ୍ତ୍ୱାବଧାନରେ ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଗୋଟିଏ ଦିନରେ ସମୁଦାୟ ୫୫ଜଣ ଶିକ୍ଷାର୍ଥୀ ବିଭିନ୍ନ ବିଦ୍ୟାଳୟରେ ନାମ ଲେଖାଇଛନ୍ତି। ସେଥି ମଧ୍ୟରୁ ୩୩ ଜଣ ଛାତ୍ରଛାତ୍ରୀ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନରେ ନାମ ଲେଖାଇଛନ୍ତି। ଏହା ପୂର୍ବରୁ ୨୨ ଜଣ ଅଧାରୁ ପାଠ ଛାଡିଥିବା ଭିନ୍ନକ୍ଷମ ଶିକ୍ଷାର୍ଥୀ ମଧ୍ୟ ବିଭିନ୍ନ ବିଦ୍ୟାଳୟରେ ନାମ ଲେଖାଇବା ସହ ସରକାରଙ୍କ ତରଫରୁ ମିଳୁଥିବା ସମସ୍ତ ପ୍ରକାର ସୁବିଧା ସୁଯୋଗକୁ ସୁନିଶ୍ଚିତ କରାଯାଇଅଛି। ଆଗାମୀ ଦିନରେ ଅଧାରୁ ପାଠ ଛାଡିଥିବା ସମସ୍ତ ଶିକ୍ଷାର୍ଥୀଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ କାର୍ଯ୍ୟକ୍ରମ ଜାରି ରଖିବା ସହ ପରବର୍ତ୍ତୀ ସମୟରେ କୌଣସି ଶିଶୁ ଯେପରି ଅଧାରୁ ପାଠ ନ ଛାଡନ୍ତି ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ବିଇଓଙ୍କଠାରୁ ପ୍ରକାଶ ପାଇଛି। ଏଥିରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଅମିତା କୁମାରୀ ପାଢ଼ୀ, ସହ ଶିକ୍ଷା ଅଧିକାରୀ କୃଷ୍ଣ ଚନ୍ଦ୍ର ବେହେରାଙ୍କ ସମେତ ସମସ୍ତ ସିଆରସିସି, ଗୋଷ୍ଠୀ ସମ୍ବଳ ଶିକ୍ଷକ, ପ୍ରଧାନ ଶିକ୍ଷକ ଏବଂ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ କର୍ମଚାରୀଙ୍କ ଆନ୍ତରିକତା ଓ ଅଧ୍ୟମ ପ୍ରଚେଷ୍ଟା ଦ୍ୱାରା ଏହା ସମ୍ଭବ ହୋଇ ପାରିଥିବା ଜଣାଯାଇଛି।

# ମାମଲା ରୁଜୁ ପରେ କାର୍ଯ୍ୟାନୁଷ୍ଠାନ କେବେ ?

**ମାର୍ଶାଘାଇ,୧୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ଥାନା ଅନ୍ତର୍ଗତ ପଳାସପୁର ଗ୍ରାମର ଦିବ୍ୟାଙ୍ଗ ଦମ୍ପତିଙ୍କଠାରୁ ଠକେଇ ଅଭିଯୋଗରେ ମାର୍ଶାଘାଇ ପୋଲିସ ମାମଲା ରୁଜୁକରି ୪ଜଣଙ୍କୁ ଅଭିଯୁକ୍ତ କରିଛି। ପଳାସପୁର ଗ୍ରାମର ରିଙ୍କି ମଲିକ ଦିବ୍ୟାଙ୍ଗ ହୋଇଥିବା ବେଳେ ତାଙ୍କ ସ୍ୱାମୀ ମଧ ସଂପୂର୍ଣ୍ଣ ଦୃଷ୍ଟି ବାଧିତ। ରିଙ୍କିଙ୍କ ଏତଲାକ୍ରମେ ପଳାସପୁର ଗ୍ରାମର ରଶ୍ମି ରଂଜନ ରାଉତ ତାଙ୍କ ପତ୍ନୀ ମାନସୀ ସ୍ୱାଇଁଙ୍କ ସହିତ ଗ୍ରାମର ମଞ୍ଜୁଲତା ମଲିକଙ୍କ ଆକାଉଣ୍ଟକୁ ଟଙ୍କା ନେଇ ଯାଇଛନ୍ତି। ମାନସୀ ଫାଇନାନ୍ସ ସଂସ୍ଥାର ଏଜେଣ୍ଟ ଭାବରେ କାମକରିଥାନ୍ତି। ରଶ୍ମିଙ୍କ ଗ୍ରାମର ଏକ ବ୍ୟାଙ୍କ ଗ୍ରାହକ ସେବାକେନ୍ଦ୍ର ଥିବାବେଳେ ଏହି ଦିବ୍ୟାଙ୍ଗ ଦମ୍ପତିଙ୍କ ପ୍ରତିମାସରେ ଭତ୍ତା ଟଙ୍କା ଟିପଦେଇ ଆଣିଥାନ୍ତି। ସେମାନଙ୍କ ନାମରେ ଜାଲିଆତି କରାଯାଇ ଋଣ ଉଠାଯାଇଥିବା ନେଇ ମାର୍ଶାଘାଇ ଥାନାରେ ଅଭିଯୋଗ ପରେ ପୋଲିସ ଥାନା କେଶ ନମ୍ବର (୩୮୧/୨୫)ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଆଇଆଇସି ତପନ ନାୟକ ସୂଚନା ଦେଇଛନ୍ତି। ତେବେ ଏହି ଦିବ୍ୟାଙ୍ଗ ଦମ୍ପତିଙ୍କ ସରଳତାର ସୁଯୋଗନେଇ ତିନୋଟି ଋଣ କରାଯାଇଥିବା ବେଳେ ଦୁଇଟି ଋଣ ସୁଝାଯାଇଛି। ଭାରତ ଫାଇନାନ୍ସ ବ୍ରାଞ୍ଚ ମ୍ୟାନେଜର ସମେତ ରଶ୍ମି ରଂଜନ ଓ ପତ୍ନୀ ମାନସୀଙ୍କ ଭୂମିକା ସନ୍ଦେହ ଘେରରେ। ପୋଲିସ ୪ଜଣଙ୍କ ନାମରେ ମାମଲା ରୁଜୁକରିଥିବା ବେଳେ କାର୍ଯ୍ୟାନୁଷ୍ଠାନ କେବେ ନେଉଛି ତାହା ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ବଢାଇ ଦେଇଛି। ଅନ୍ୟପଟରେ ଏହି ଘଟଣା ପରେ ଉକ୍ତ ଅଂଚଳରେ ଲୋନ ସମ୍ବନ୍ଧିୟ ଠକେଇ ମାମଲା ଅଧିକ ବଢିବାର ସମ୍ଭାବନା ଦେଖାଦେଇଛି।

# ବ୍ଲକସ୍ତରୀୟ ବିଜ୍ଞାନ ମେଳା

**ମାର୍ଶାଘାଇ,୧୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକସ୍ତରୀୟ ବିଜ୍ଞାନ ମେଳା ତାଳସଙ୍ଗା ପଞ୍ଚାୟତ ଶାସନିପଡା ଉପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୮୭ଟି ବିଜ୍ଞାନ ସମ୍ବନ୍ଧିୟ ଷ୍ଟଲ ପ୍ରଦର୍ଶିତ କରାଯାଇଥିଲା। ଏଲିମେଣ୍ଟାରୀ ସ୍କୁଲରୁ ୭୭ଟି ବିଜ୍ଞାନ ସମ୍ବନ୍ଧିୟ ଷ୍ଟଲ ଆସିଥିବା ବେଳେ ସେକେଣ୍ଡାରୀ ବିଭାଗରୁ ୧୦ଟି ଷ୍ଟଲରେ କୁନିବିଜ୍ଞାନିମାନେ ବିଜ୍ଞାନ ସମ୍ବନ୍ଧିୟ କଳା ପ୍ରଦର୍ଶିତ ରାଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ ମାର୍ଶାଘାଇ ବ୍ଲକ ଶିକ୍ଷା ବିଭାଗର। ତିରିକ୍ତ ଶିକ୍ଷାଅଧିକାରୀ ଶୁଶାନ୍ତ କୁମାର ବେଉରାଙ୍କ ସଭାପତିତ୍ୱରେ ବିଧାୟକଙ୍କ ପ୍ରତିନିଧି ବିକ୍ରମାଦିତ୍ୟ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ପ୍ରଧାପକ ଡ଼ ପ୍ରଭାତ ରଂଜନ ଲେଙ୍କା, ସମ୍ମାନିତ ଅତିଥି ଭାବରେ ହିରଣ୍ୟ କୁମାର ବାରିକ, ପ୍ରଦୀପ୍ତ କୁମାର ଲେଙ୍କା, ପାର୍ଥ ସାରଥି ସାହୁ, ତାଳସଙ୍ଗା ଗ୍ରାମ ପଞ୍ଚାୟତ ସରପଞ୍ଚ ଅଶାନ୍ତି ସ୍ୱାଇଁ, ସମାଜସେବୀ ହିରଣ୍ୟ ମହାପାତ୍ର ଯୋଗଦେଇ ବିଜ୍ଞାନର ଅଗ୍ରଗତିରେ ଦେଶର ଅଗ୍ରଗତି କିପରି ହେବ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ଷ୍ଟଲ ପରିଦର୍ଶନକରି କୁନି ବିଜ୍ଞାନିମାନଙ୍କୁ ପ୍ରଶଂଶା କରିବା ସହିତ ଜିଲ୍ଲାସ୍ତରକୁ ୧୦ଜଣ କୁନି ବିଜ୍ଞାନିଙ୍କ ଷ୍ଟଲ ବିବେଚିତ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ନିରନ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନାରାୟଣ ଚନ୍ଦ୍ର ପାଢି ଧନ୍ୟବାଦ ଅର୍ପଣ କରିଥିଲେ।

# ଶୈଳେନ୍ଦ୍ର ନାରାୟଣ ସଂସ୍କୃତ କଲେଜର ବାର୍ଷିକ କ୍ରୀଡା

**ରାଜନଗର,୧୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ସଦର ମହକୁମାସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ତିନିଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡ.ଘନଶ୍ୟାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟ କୁମାର ମିଶ୍ର ଯୋଗଦେଇ କ୍ରୀଡା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଓ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନେ ଅଭ୍ୟାସ ଜାରି ରଖିଲେ ଭବିଷ୍ୟତରେ ସୁନାମ ଅର୍ଜନ କରିବେ ବୋଲି ପରାମର୍ଶ ଦେଇଥିଲେ। କ୍ରୀଡା ପ୍ରତିଯୋଗିତାକୁ ସୁଧୀର ରଞ୍ଜନ ବେହେରା ପରିଚାଳନା କରିଥିଲେ। ସାଂସ୍କୃତିକ ପ୍ରତିଯୋଗିତାରେ ବିଚାରକ ଭାବେ ଯୁକେ ମହାବୀର କଲେଜର ଅଧ୍ୟାପକ ଅରୁଣ କୁମାର ଦାଶ ଓ ଶୁଭକାନ୍ତ ନାୟକଙ୍କ ସହ ଶତ୍ରୁଘ୍ନ ତରାଇ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଅଧ୍ୟକ୍ଷ ଡ.ମିଶ୍ର ସୂଚନା ଦେଇଥିଲେ। କ୍ରୀଡା ପ୍ରତିଯୋଗିତା ଓ ମଞ୍ଚ ପରିଚାଳନାରେ ଅଧ୍ୟାପକ ନିହାର ରଞ୍ଜନ ପରିଡ଼ା, ଅଧ୍ୟାପିକା ତନୁଶ୍ରୀ ମିଶ୍ର, ଅଧ୍ୟାପକ ଆଦିତ୍ୟ ତ୍ରିପାଠୀ, ସାମ୍ବାଦିକ ଅଭିରାମ ଦାସ, ଅରୁଣ କୁମାର ରାଉତ, ଦୟାନିଧି ସାହୁ, ରବିନାରାୟଣ ଦାସ ଓ ଜଗବନ୍ଧୁ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଟ୍ରେନ ରହଣି ପାଇଁ ସାଂସଦଙ୍କୁ ଦାବିପତ୍ର

**ଅନୁଗୁଳ,୧୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଅନୁଗୁଳ ଜିଲ୍ଲା ବଇଣ୍ଡାରେ ବିଭିନ୍ନ ଟ୍ରେନର ରହଣି ଦାବି କରିଛନ୍ତି ସ୍ଥାନୀୟ ଲୋକେ। ଏ ନେଇ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉଦ୍ଦେଶ୍ୟରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବଇଣ୍ଡା ଅଂଚଳର ଅନୁଗୁଳ ଜିଲ୍ଲା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଇଂ ପ୍ରବୀଣ କୁମାର ସାହୁ ସଂସଦ ଚାଲିଥିବା ବେଳେ ସାଂସଦ ଶ୍ରୀ ପାଣିଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାର ଅଖରକଟା, ଫୁଲୁରୀବଣିଆ, ଆମ୍ବସରମୁଣ୍ଡା, ମଇମୁରା, ହାଁସଲା, କୃତିବାସପୁର, ନାବାଦୀପପୁର, ରାଜିଙ୍ଗ, ହିଞ୍ଜୀଗୋଳା ଇତ୍ୟାଦି ଗାଁର ଲୋକ ମୋବାଇଲ ସେବାରୁ ବଂଚିତ ହେଉଛନ୍ତି। ଏଣୁ ଏସବୁ ଗାଁରେ ବିଏସଏନଏଲର ଟାୱାର ନିର୍ମାଣ ପାଇଁ ବି ସେ ଦାବି କରିଛନ୍ତି।

# ଜିଲ୍ଲାସ୍ତରୀୟ ଯୁବୋତ୍ସବ



**ଜଗତସିଂହପୁର,୧୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲା ପ୍ରଶାସନ ଏବଂ ମାଇ ଭାରତର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ ଯୁବୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଯୁବପିଢୀଙ୍କୁ ଦେଶର ଆଗାମୀ ଭବିଷ୍ୟତ ବୋଲି କହିଥିଲେ। ପାଠପଢ଼ା ବ୍ୟତୀତ ଅନ୍ୟାନ୍ୟ ବିଷୟରେ ମଧ ଉପଯୁକ୍ତ ଦକ୍ଷତା ହାସଲ କରିବା ଉଚିତ ଏବଂ ନିଜକୁ ଜଣେ ସୁନାଗରିକ ଭାବେ ଗଢ଼ିବାକୁ ଉଦ୍ୟମ କରିବା ଜରୁରୀ ବୋଲି ଶ୍ରୀ ଭୋଇ କହିଥିଲେ। ସଭାରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ କହିଲେ ଯେ, ଯୁବଗୋଷ୍ଠୀ ସଠିକ ମାର୍ଗରେ ପରିଚାଳିତ ହେଲେ ଦେଶର ପ୍ରଗତି ସମ୍ଭବ ହୋଇପାରିବ। ସଫଳତା ପାଇବାକୁ ହେଲେ ଉଦ୍ୟମ କରିବା ଜରୁରୀ ବୋଲି ସେ କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଉପସ୍ଥିତ ଯୁବ ପ୍ରତିଭାଙ୍କୁ ଜୀବନରେ ସକାରାତ୍ମକ ଚିନ୍ତାଧାରା ସହ ଆଗକୁ ବଢିବା ନିମନ୍ତେ ପ୍ରେରଣାଦାୟୀ ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିମା ସ୍କୁଲ୍ ଅଫ୍ ନର୍ସିଂର ନିର୍ଦ୍ଦେଶକ ଗଣେଶ୍ୱର ମାଣିଆ, ଶିକ୍ଷାବିତ ଉତ୍କଳ ରଞ୍ଜନ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱ ବିଜୟିନୀ ପଟ୍ଟନାୟକ ଉପସ୍ଥିତ ରହି ଯୁବପିଢୀଙ୍କୁ ସଫଳତା ଓ ଜୀବନ ଆଦର୍ଶର ଉପଦେଶ ଦେଇଥିଲେ। ସଂସ୍କୃତି ଭବନ ପରିସର, ନିମାଇଁ ଭବନ ଏବଂ ମ୍ୟୁନିସିପାଲଟି କଲ୍ୟାଣ ମଣ୍ଡପ ଠାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ମେଳା, ଲୋକ ନୃତ୍ୟ, ଲୋକ ଗୀତ, ଔପଚାରିକ ବକ୍ତୃତା, ଚିତ୍ରାଙ୍କନ, ଗଳ୍ପ ଲିଖନ, କବିତା ଲିଖନ ଇତ୍ୟାଦି ବିଭାଗ ଗୁଡ଼ିକରେ ପ୍ରତିଯୋଗିତା ସମ୍ପନ୍ନ ହୋଇଅଛି।

# ରିଶିକାଙ୍କୁ ଏଣ୍ଡୋଡ଼ୋଣ୍ଟିକ୍ସ ବିଭାଗରେ ସ୍ୱର୍ଣ୍ଣ

**କେନ୍ଦ୍ରାପଡ଼ା,୧୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ଗ୍ରାମର ରିଶିକା ମହାନ୍ତି ଏଣ୍ଡୋଡ଼ୋଣ୍ଟିକ୍ସ ବିଭାଗରେ ସର୍ବୋଚ୍ଚ ନମ୍ବର ରଖି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଭୁବନେଶ୍ୱର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଇନଷ୍ଟିଚୁସନ ଅଫ ଡେଣ୍ଟାଲ ସାଇନ୍ସରେ କଞ୍ଜରଭେଟିକ ଡେଣ୍ଟିଷ୍ଟ ଏବଂ ଏଣ୍ଡୋଡ଼ୋଣ୍ଟିକ୍ସ ବିଭାଗରୁ ମାଷ୍ଟର ଡେଣ୍ଟାଲ ସର୍ଜରୀରେ ସର୍ବୋଚ୍ଚ ୬୦.୩୩ ନମ୍ବର ରଖି ସ୍ନାତକୋତ୍ତର ଡ଼ିଗ୍ରୀ ହାସଲ କରିଛନ୍ତି ଡାକ୍ତର ରିଶିକା ମହାନ୍ତି। ସର୍ବୋଚ୍ଚ ନମ୍ବର ରଖିଥିବାରୁ ରିଶିକାଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। ରିଶିକାଙ୍କ ବାପା ପଟ୍ଟାମୁଣ୍ଡାଇ ସବରେଜିଷ୍ଟର ଭାବେ କାମ କରନ୍ତି। ରିଶିକା ଏହି ସଫଳତା ପାଇବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଏହି କୃତିତ୍ୱ ପଛରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ବାପା-ମା'ଙ୍କ ଆଶ୍ରିବାଦ ରହିଛି ବୋଲି ଡାକ୍ତର ରିଶିକା ମହାନ୍ତି କହିଛନ୍ତି।

# ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ନେଇ କର୍ମଶାଳା

**ଭବାନୀପାଟଣା,୧୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ମମତା ହେଲଥ ଇନଷ୍ଟିଚ୍ୟୁଟ ଫର ମଦର ଆଣ୍ଡ ଚାଇଲଡ୍ ଅର୍ଗାନାଇଜେସନର ପ୍ରକଳ୍ପ ଜାଗୃତି ଦ୍ୱାରା ଧର୍ମଗଡ ଏବଂ ମଦନପୁର ରାମପୁର ବ୍ଲକରେ ୫ରୁ ୬ଟି ଗ୍ରାମ ପଞ୍ଚାୟତର ଫ୍ରଣ୍ଟ ଲାଇନ ୱର୍କର ଆଶା ଓ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ନେଇ ଉପରେ ଏକ ଟ୍ରେନିଂ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ କିଭଳି ଭାବରେ ସମସ୍ୟାର ସମାଧାନ ନେଇପାରିବେ, ବିଷୟରେ ଟ୍ରେନିଂ ମାଧ୍ୟମରେ ଶିଖି ପାରିଲେ ଯାହା କି ଅନେକ ଗୁଡ଼ିଏ ଏକ୍ଟିଭିଟୀ ଜରିଆରେ ତାଲିମ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଧର୍ମଗଡ ବ୍ଲକରେ ୩୦ ଜଣ ଆଶା କର୍ମୀମାନଙ୍କୁ ତାଲିମ ଦିଆଯାଇଥିବା ବେଳେ ମଦନପୁର ରାମପୁର ବ୍ଲକରେ ୩୫ଜଣ ଅଙ୍ଗନୱାଡ଼ି କର୍ମୀଙ୍କୁ ଏହି ତାଲିମ ପ୍ରଦାନ କରାଯାଇ ପ୍ରଶିକ୍ଷଣ କରାଯାଇଥିଲା। ଏହି ପ୍ରଶିକ୍ଷଣ ମମତା ସଂସ୍ଥାର ଟ୍ରେନର ମି.କପିଲ ପ୍ରଦାନ କରିଥିଲେ। ସେ ଉକ୍ତ କର୍ମୀମାନଙ୍କୁ ବୁଝାଇଥିଲେ ଯେ ଆଜିର ଦିନରେ ଆମେ କେମିତି ଭାବରେ ଆର୍ଥିକ ଓ ସମସ୍ୟା ଜଡ଼ିତ ପରିସ୍ଥିତିକୁ ସମାଧାନ କରିପାରିବେ ସେ ବିଷୟରେ ତାଲିମ ଦିଆଯାଇଥିଲା। କେମିତି କେଉଁ ପରିସ୍ଥିତିର ସାମ୍ନା କରି ସେହି ସମସ୍ୟାର ସମାଧାନ କରିପାରିବେ ସେ ସଂପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ସେଥିମଧ୍ୟରେ ଥିବା ବିଷୟବସ୍ତୁ ଗୁଡ଼ିକ ଥିଲା ଯୋଗାଯୋଗ, ଦଳଗତ କାର୍ଯ୍ୟ, ସମସ୍ୟା ସମାଧାନ, ଅନୁକୂଳନଶୀଳତା, ସମୟ ପରିଚାଳନା, ନେତୃତ୍ୱ, ସୃଜନଶୀଳତା ଏବଂ ଭାବପ୍ରବଣ ବୁଦ୍ଧିମତ୍ତା ଭଳି ଦକ୍ଷତା ପ୍ରଦାନ କରାଯାଇଥିଲା। ଯାହା ସେମାନଙ୍କୁ ଭବିଷ୍ୟତରେ ଏହି ଶିକ୍ଷା ତଥା ତାଲିମ କାର୍ଯ୍ୟକୁ ସାଧାରଣ ଜୀବନ ଯାପନରେ କାର୍ଯ୍ୟକାରୀ କରିପାରିବେ। ଏହି କାର୍ଯ୍ୟକ୍ରମରେ ମଦନପୁର ରାମପୁର ବ୍ଲକରେ ମୁଖ୍ୟଅତିଥି ଭାବରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିଜୟଶ୍ରୀ ସିଂ, ସମନ୍ୱିତ ଶିଶୁ ବିକାଶ ସେବା ପର୍ଯ୍ୟବେକ୍ଷିକା ବନ ଜ୍ୟୋସ୍ନା ସାହୁ, ସେକ୍ଟର ପର୍ଯ୍ୟବେକ୍ଷିକା ସ୍ୱର୍ଣ୍ଣଲତା ସାହୁ, ଶ୍ରୀମତୀ ଯାନୀ ଏହି କାର୍ଯ୍ୟକ୍ରମରେ ଯୋଗଦାନ ଦେଇ ତାଲିମ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସଞ୍ଚାରିତ କରିଥିଲେ। ଧର୍ମଗଡ ବ୍ଲକରେ ସରପଞ୍ଚ ମହାଶୟ ମୁକୁନ୍ଦ ଶବର ଯୋଗଦାନ ଦେଇଥିଲେ ଓ ପ୍ରଶଂସା କରି ତାଲିମ ପ୍ରାପ୍ତକାରୀଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମମତାର ଜିଲ୍ଲା ସଂଯୋଜିକା ବର୍ଷାରାଣୀ ଦାସଙ୍କ ସହିତ ମମତାର ସମସ୍ତ କର୍ତ୍ତାମାନେ ମିଶିକି ସଫଳ ଭାବେ ପରିଚାଳିତ କରିଥିଲେ।

# ପାର୍ଲାମେଣ୍ଟ ସମ୍ମୁଖରେ ଶିକ୍ଷକଙ୍କ ବିଶାଳ ଧାରଣା




**ଭୁବନେଶ୍ୱର,୧୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଅଖିଳ ଭାରତ ବିଶ୍ୱ ବିଦ୍ୟାଳୟ ଏବଂ କଲେଜ ଶିକ୍ଷକ ମହାସଂଘ ଆହ୍ୱାନରେ ଡିସେମ୍ବର ୯, ପାର୍ଲାମେଣ୍ଟ ଅଭିଯାନ ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ପରିପ୍ରେକ୍ଷୀରେ ଜନ୍ତରମନ୍ତର ଠାରେ ଏକ ବିଶାଳ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଷ୍ଟମ ଦରମା କମିସନ ଗଠନ, କେନ୍ଦ୍ରୀୟ ଶିକ୍ଷା ନୀତି ୨୦୨୦ ରଦ୍ଦ, ଶିକ୍ଷକ ଯୋଗ୍ୟତା ପରୀକ୍ଷା ବାଧ୍ୟତା ମୂଳକ ନକରିବା, ପୁରୁଣା ପେନସନ୍ ପ୍ରଥା ପ୍ରଚଳନ, ଉଚ୍ଚଶିକ୍ଷା କମିଶନ ବିଲ୍ ପାର୍ଲାମେଣ୍ଟରେ ନ ଆଣିବା ତଥା ଶିକ୍ଷକ-କର୍ମଚାରୀମାନଙ୍କ ବିଭିନ୍ନ ବୃତିଗତ ସମସ୍ୟା ସମାଧାନ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଅକ୍ଷମଣୀୟ ଉଦାସୀନତାର ପ୍ରତିବାଦରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜେଏଫ୍‌ଏମ୍‌ଇ ଏହି ଆନ୍ଦୋଳନରେ ପ୍ରତ୍ୟକ୍ଷ ଭାବେ ସାମିଲ ହୋଇଥିଲା।

ଧାରଣାସ୍ଥଳରେ ସର୍ବ ଅମିୟ କୁମାର ମହାନ୍ତି, ବିବେକ୍ ଦ୍ୱିବେଦୀ, ବିନୟ ସୋପାଟ ଏବଂ ଜେ ଗାନ୍ଧିରାଜଙ୍କ ସଭାପତି ମଣ୍ଡଳିରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଆଇଫୋକୋର ସାଧାରଣ ସମ୍ପାଦକ ଡଃ ଅରୁଣ କୁମାର ଜାତୀୟ ଦୃଶ୍ୟପଟ୍ଟ ଉପରେ ବିସ୍ତୃତ ଆଲୋଚନା କରି ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରିବା ପାଇଁ ଆହ୍ୱାନ ଦେଇଥିଲେ। ସର୍ବଶ୍ରୀ ଡି. ରାଜା, ନିଳୋତ୍ପଳ ବସୁ, ଅମରଜିତ କାଉର, ପାର୍ଲାମେଣ୍ଟ ସଦସ୍ୟ ସନ୍ତୋଷ କୁମାର, ନନ୍ଦିତା ନାରାୟଣ, ସୁରଜିତ ମଜୁମଦାର, ସିଭାରତୀ, କେଟି ନରସିହ ରେଡ୍ଡି, ସୁଧାକର ସାମନ୍ତ, ଜେଏନ ସୁକ୍ଲା, ଏଆଇଏସଏଫ୍‌ର ଦିନେସ, ଏଆଇଡିଏସଓର ପୁନମ, ଏଆଇୱାଇଏଫର ରୋସନ, ଆଲସାର ସନାତନ, କେୱାଇଏସ ମୋଦିନ୍ ଦିତା, ବିମ୍ବାଧର ପଟ୍ଟନାୟକ ପ୍ରଭୃତି ବକ୍ତବ୍ୟ ପ୍ରଦାନ କରି ଆନ୍ଦୋଳନ ପ୍ରତି ସମର୍ଥନ ଜ୍ଞାପନ କରିଥିଲେ। ବିନାୟକ ଭଟ୍ଟାଚାର୍ଯ୍ୟ, ଭି.ରବି, ସୁନେତ୍ରା ମିତ୍ର ସଭା ପରିଚାଳନା କରିଥିଲେ। ଉଚ୍ଚଶିକ୍ଷା କମିସନ ବିଲ ଉପସ୍ଥାପନାକୁ ବିରୋଧ : ଦେଶ ବ୍ୟାପୀ ପ୍ରତିବାଦ ହେବ। କେନ୍ଦ୍ର ସରକାର ଉଚ୍ଚଶିକ୍ଷାର କେନ୍ଦ୍ରୀକରଣ କରିବା ସହ ସମ୍ବିଧାନର ସଂଘୀୟ ଆଦର୍ଶକୁ ଅଣଦେଖାକରି ଚଳିତ ପାର୍ଲାମେଟ ଅଧିବେସନରେ ଉଚ୍ଚଶିକ୍ଷା କମିସନ ବିଲ ଆଣିବା ପାଇଁ ଯୋଜନା କରିଛନ୍ତି। ଏହି ବିଲ୍ ଉପସ୍ଥାପିତ ହେଲେ ସମଗ୍ର ଦେଶରେ ଏହାର ପ୍ରତିବାଦ କରାଯିବ ବୋଲି ଅଖିଳ ଭାରତ ବିଶ୍ୱ ବିଦ୍ୟାଳୟ ଏବଂ କଲେଜ ଶିକ୍ଷକ ମହାସଂଘ କାର୍ଯ୍ୟକାରୀ କମିଟି ନିଷ୍ପତ୍ତି କରିଛି। ଜେଏଫ୍‌ଏମ୍‌ଇ ମଧ୍ୟ ଏହାକୁ ସମର୍ଥନ କରିଅଛି।

# ଗୁଣାତ୍ମକ ଶିକ୍ଷା ଯୋଗାଇ ଦେବାକୁ ସରକାରଙ୍କ ଲକ୍ଷ୍ୟ



**ସାକ୍ଷୀଗୋପାଳ,୧୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ସତ୍ୟବାଦୀ ଉଚ୍ଚବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟଅତିଥି ଭାବେ ଜୟପୁର ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ତଥା ବିଜେପି ଦଳର ନେତା ଦୀପକ ଶତପଥି ଯୋଗ ଦେଇଥିଲେ। ସ୍କୁଲର ପ୍ରଧାନଶିକ୍ଷୟତ୍ରୀ ଅମିତା ସେନାପତି, ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ କର ଓ ସ୍କୁଲର ସଭାପତି ଚକ୍ରଧର ମହାରଣା ମଧ୍ୟ ଯୋଗଦେଇଥିଲେ। ଏହି ସଭାର ମୂଳଲକ୍ଷ୍ୟ ହେଲା, ଶିକ୍ଷା ଅଧିକାର ଆଇନ ୨୦୦୯ ଅନୁଯାୟୀ ପ୍ରତ୍ୟେକ ପିଲାଙ୍କର ବିଦ୍ୟାଳୟରେ ପାଠ ପଢ଼ିବାର ଅଧିକାର ଅଛି। ରାଜ୍ୟ ସରକାର ରାଜ୍ୟର ପ୍ରତ୍ୟେକ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇ ଦେବା ନେଇ ଲକ୍ଷ୍ୟ ରଖିଛନ୍ତି। ରାଜ୍ୟ ସରକାରଙ୍କ 'ବିକାଶତ ଭାରତ' ଓ 'ବିକଶିତ ଓଡିଶା' ଗଠନ ଦିଗରେ ବିଦ୍ୟାଳୟ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ସ୍ୱପ୍ନର ଓଡିଶା ଗଠନର ମୂଳଦୁଆ ହେଉଛି ବିଦ୍ୟାଳୟ ଶିକ୍ଷା, ଯାହା ପ୍ରତ୍ୟେକ ପିଲା ବିଦ୍ୟାଳୟକୁ ପୂରଣ ହୋଇପାରିବ ବୋଲି ଅଭିଭାଷଣରେ ଶ୍ରୀ ଶତପଥି କହିଛନ୍ତି। କୌଣସି କାରଣ ବଶତଃ ବିଦ୍ୟାଳୟକୁ ଯାଇପାରୁ ନଥିବା ପିଲାଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତ ସହିତ ଯୋଡିବା ପାଇଁ ଜନ୍ମରୁ ୧୮ବର୍ଷ ବୟସର ସମସ୍ତ ପିଲାଙ୍କର ଘର ଘର ବୁଲି ଏକ ସର୍ବେକ୍ଷଣ କରାଯାଇଛି। ଏହାକୁ ଆଧାର କରି ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବ୍ୟାପକ ରାଜ୍ୟସ୍ତରୀୟ ଅଭିଯାନ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ଅଭିଯାନ ମାଧ୍ୟମରେ ୫+ରୁ ୧୮ବର୍ଷ ବୟସରେ ପ୍ରତ୍ୟେକ ପିଲାଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲି କରିବାର ଲକ୍ଷ୍ୟ ରଖାଯାଇଛି। ଏଥିସହ ଏହି ଅଭିଯାନ ମାଧ୍ୟମରେ ସେମାନଙ୍କୁ ଗୁଣାତ୍ମକ, ଅନ୍ତର୍ନିବେଶୀ ଏବଂ ଆନନ୍ଦଦାୟକ ଶିକ୍ଷା ସୁନିଶ୍ଚିତ କରିବା, ବାଲ୍ୟବିବାହ, ଶିଶୁଶ୍ରମ ଏବଂ ଶିଶୁ ଚାଲାଣ ଭଳି ସାମାଜିକ ଶଙ୍କଟକୁ ରୋକିବା, ବିଦ୍ୟାଳୟରେ ୧୦୦% ନାମ ଲେଖା ସୁନିଶ୍ଚିତ କରିବା ନେଇ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର। ବନସ୍ମିତା ଜେନାଙ୍କର ଆର୍ଥିକ ପରିସ୍ଥିତି ଖରାପ ଥିବାରୁ ସେ ଯୁକ୍ତଦୁଇରେ ଆଡିମିସନ କରିପାରିନଥିଲେ। ବନସ୍ମିତା ଜେନାକୁ ଯୁକ୍ତଦୁଇରେ ଆଡିମିସନ କରିବା ସହିତ ତାଙ୍କର ସମସ୍ତ ପାଠପଢା ଖର୍ଚ୍ଚ ବହନ କରିବେ ବୋଲି ଦୀପକ ଶତପଥି ପ୍ରତିଶୃତି ଦେଇଛନ୍ତି। ସିଆରସିସି ତଥା ଶିକ୍ଷକ ପ୍ରାର୍ଥସାରଥି ଦାସ ସଭା ପରିଚାଳନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ସର୍ପ ଦଂଶନ ଓ ବଜ୍ରପାତରୁ ସୁରକ୍ଷା ପାଇଁ ସଚେତନତା

**ଦେବଗଡ଼,୧୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ଦେବଗଡ଼ରେ ସର୍ପ ଦଂଶନ ଓ ବଜ୍ରପାତରୁ ସୁରକ୍ଷା ପାଇଁ ସଚେତନତା ସଭା ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ଦାୟିତ୍ୱରେ ଥିବା ଅଧ୍ୟାପକ ଦାମୋଦର ନାୟକଙ୍କ ସଂଯୋଜନାରେ ତଥା ଅଧ୍ୟକ୍ଷ ଡ଼ଃ ବିଜୟ କୁମାର ମହାରଣାଙ୍କ ସଭାପତିତ୍ୱରେ ହୋଇଥିବା ଏହି ସଭାରେ ଉଦ୍ଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପକ ଦିଲ୍ଲୀପ କୁମାର ବେହେରା ଓ ରତିକାନ୍ତ ରଥ ବିଦ୍ୟାର୍ଥୀମାନଙ୍କୁ ଭାରତ ଓ ସମଗ୍ର ବିଶ୍ୱରେ ପରିଲକ୍ଷିତ ସର୍ପମାନଙ୍କ ସଂପର୍କରେ ଆଲୋଚନା କରିବା ସହିତ ସର୍ପ ଦଂଶନ କଲେ ବା କାମୁଡ଼ିଲେ କ'ଣ ସବୁ ସଚେତନତା ମୂଳକ ପଦକ୍ଷେପ ବେଳେ ଜୀବନ ବଞ୍ଚାଇ ପାରିବ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଶେଷ କରି ଦେବଗଡ଼ ଜିଲ୍ଲା ଏକ ଜଙ୍ଗଲ ପରିବେଷ୍ଟିତ ଜିଲ୍ଲା ହୋଇଥିବାରୁ ଗ୍ରାମାଞ୍ଚଳରେ ରହୁଥିବା ବିଦ୍ୟାର୍ଥୀମାନେ ଖରାଦିନ ତଥା ବର୍ଷାଦିନର ପ୍ରାରମ୍ଭରେ ସାପ କାମୁଡ଼ା ପ୍ରତି ସଚେତନ ରହିବାକୁ ବକ୍ତାମାନେ ପରାମର୍ଶ ଦାନ କରିଥିଲେ। ସେହିପରି ଆଜିକାଲି ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟା ଅହେତୁକ ଭାବରେ ବୃଦ୍ଧି ପାଉ ଥିବାରୁ ଏଥିପ୍ରତି କିପରି ସତର୍କତା ମୂଳକ ପଦକ୍ଷେପ ନେବ ଏ ସମ୍ପର୍କରେ ପଦାର୍ଥ ବିଜ୍ଞାନ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଡଃ ପ୍ରଦୀପ କୁମାର ମିଶ୍ର ବିଦ୍ୟାର୍ଥୀମାନଙ୍କୁ ବୁଝାଇ ଦେଇଥିଲେ। କେବଳ ନିଜେ ସଚେତନ ହେଲେ ଚଳିବନି ପିଲାମାନେ ସେମାନଙ୍କର ସାମାଜିକ ପରିବେଶରେ ଅନ୍ୟମାନଙ୍କୁ ସଚେତନ କରିବାକୁ ସେ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ମିନତି ବାସକେ, ସଞ୍ଜିତା ଜେନା, ଶତରୁପା ମିଶ୍ର, ଅଧ୍ୟାପକ ବିକ୍ରମ କୁମାର ଜେନା ଓ ସୁନିଲ କୁମାର ସାହୁଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ସାତଭାୟାବାସୀଙ୍କ ଭାଗ୍ୟ ବଦଳିବ କେବେ ?

**ରାଜନଗର,୧୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ସାତଭାୟା ପଞ୍ଚାୟତ ବଗପାଟିଆ ଥଇଥାନସ୍ଥଳୀରେ ପଞ୍ଚାୟତସ୍ତରୀୟ ଜନସଚେତନତା ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ତିଳୋତମା ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ଧ୍ରୁବ ସାହୁ, ଜିଲ୍ଲାପାଳ ରଘୁରାମ ଆର ଆୟାର, ସହକାରୀ ବନସଂରକ୍ଷକ ଗଗନବିହାରୀ ମଲ୍ଲିକ୍, ଉପଜିଲ୍ଲାପାଳ ଅରୁଣକୁମାର ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶଚନ୍ଦ୍ର ଗୁଡିଆ, ଜିଲ୍ଲା ପରିଷଦ ସଭ୍ୟା ଖୁକୁମୀନା କୁଅଁର, ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ସରପଞ୍ଚ ପ୍ରସନ୍ନକୁମାର ପରିଡାଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ। ସାତଭାୟା ପୁନଃବସତି ଥଇଥାନ କମିଟ୍ ପକ୍ଷରୁ ସମାଜସେବୀ ସୁଦର୍ଶନ ରାଉତ ସେମାନେ ପୁରୁଣା ସାତଭାୟା ସମୁଦ୍ର କୂଳରୁ ଆସି ଏଠାରେ ଥଇଥାନ ହେଲେ ଜୀବନ ସିନା ବଞ୍ଚିଗଲା, ମାତ୍ର ଜୀବିକା ଉଜୁଡି ଯାଇଛି। ସାତଭାୟାର ତିନୋଟି ରାସ୍ତାକୁ ଛାଡି ଦେଲେ ଅନ୍ୟ ରାସ୍ତାଗୁଡିକରେ ସାମାନ୍ୟ ବର୍ଷାରେ ବର୍ଷାଜଳ ଜମି ରହୁଛି। ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଏହି ଥାଇଥାନସ୍ଥଳୀ ପୂର୍ବରୁ ଚିଙ୍ଗୁଡି ଘେରୀ ଥିବାରୁ ଖାଲୁଆ ସ୍ଥାନ ଥିଲା। ଘରଡିହ ବାନ୍ଧିବାରେ ଘର ପାଇଁ ଦେଇଥିବା ଟଙ୍କା ସରିଗଲା। ଯାହାଫଳରେ ଅନେକ ଲୋକ ଘର ନିର୍ମାଣ କରିପାରି ନାହାନ୍ତି। ରାସ୍ତାଘାଟ, ପାଣି ସମସ୍ୟା, ଡ୍ରେନେଜ ସମସ୍ୟା, ଦାଦନ ସମସ୍ୟା ଓ ବିଶେଷ କରି ସେମାନଙ୍କ ନେଇ ଜୀବିକା ଦାବି ଉପସ୍ଥାପନ କରିଥିଲେ। ଜିଲ୍ଲାପାଳ ସମସ୍ତ ବିଭାଗର ଅଧିକାରୀମାନଙ୍କୁ ଯାହାର ଯାହା କାର୍ଯ୍ୟ ବାକି ଅଛି ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତି ମାସ ଶେଷରେ ତହସିଦାର ଓ ବିଡିଓ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିବେ ବୋଲି କହିଥିଲେ। ଆଜିର ଏହି ସମୀକ୍ଷା ବୈଠକ ନେଇ ପ୍ରଶାସନ ଉପରେ ସ୍ଥାନୀୟ ବାସିନ୍ଦା ସଂପୂର୍ଣ୍ଣ ଭରଷା କରିପାରୁନାହାନ୍ତି।

ବଙ୍ଗୋପସାଗର କୂଳରେ ସନ୍ତୁଷ୍ଟ ଜୀବନ ଜୀଉଥିବା ସାତଭାୟା ବାସୀ ହେଉଛନ୍ତି ଏସିଆ ମହାଦେଶର ପ୍ରଥମ ଥଇଥାନ ବାସିନ୍ଦା। ବଙ୍ଗୋପସାର ସେମାନଙ୍କ ଜମିବାଡି, ଘରଦ୍ୱାର ଓ ଭିଟାମାଟିକୁ ନିଜ ଗର୍ଭକୁ ନେଇଗଲା। ଅନେକ ପରିବାରକୁ ଭୂମିହୀନରେ ପରିଣତ କରିଦେଲା। ଜୀବନ ଜୀଇଁବା ପାଇଁ ସେମାନେ ଆନ୍ଦୋଳନକୁ ଓହ୍ଲାଇଲେ। ୨୦୧୪ ମସିହାରେ ଗୁପ୍ତି ପଞ୍ଚାୟତ ବଗପାଟିଆଠାରେ ସାତଭାୟା ଥଇଥାନ ପ୍ରକଳ୍ପର ଶିଳାନ୍ୟାସ କରାଗଲା। ୨୦୧୮ ମସିହାରେ ସାତଭାୟାରୁ ଘରଦ୍ୱାର ଭାଙ୍ଗି ଥଇଥାନସ୍ଥଳୀ ବଗପାଟିଆକୁ ଚାଲି ଆସିଲେ। ପ୍ରଥମେ ୫୭୧ ପରିବାରଙ୍କୁ ୧୦ଡିସିମିଲ ଜାଗା ଯୋଗାଇ ଦିଆଗଲା। ପରେ ୧୪୮ ପରିବାରଙ୍କୁ ମିଶାଇ ମୋଟ ୭୧୯ ପରିବାରଙ୍କୁ ଜାଗା ସହ ବିଜୁ ପକ୍କାଘର ଯୋଗାଇ ଦିଆଯାଇଥିଲା। ସରକାର ଖାଲୁଆ ସ୍ଥାନକୁ ପୋତିବା ପାଇଁ ୧୦ହଜାର ଟଙ୍କା ଦେଲେ। ମାତ୍ର ୧୦ଡିସିମିଲ ଜାଗାକୁ ପୋତି ଘରଡିହ ବାନ୍ଧିବା ବେଳକୁ ସବୁ ଟଙ୍କା ସରିଗଲା। ଯେଉଁମାନଙ୍କର ନିଜସ୍ୱ ରୋଜଗାର ନଥିଲା ସେମାନେ ଭଲ ଘରଟିଏ କରିପାରିନାହାଁନ୍ତି। ରାସ୍ତାଘାଟ କଥା କହିଲେ ନସରେ। ବର୍ଷାଜଳ ନିଷ୍କାସନ ପାଇଁ ନିର୍ମାଣ ହୋଇଥିବା ଡ୍ରେନ କାମରେ ଆସୁନି। ସାମାନ୍ୟ ବର୍ଷାରେ ଉବୁଟୁବୁ ହେଉଛି ଥଇଥାନସ୍ଥଳୀ। ବର୍ଷାଦିନେ ରାସ୍ତାରେ କଇଁ ଫୁଟୁଛି। ଘର ବାହାରିବା ମୁସ୍କିଲ ହୋଇ ପଡୁଛି। ଜୀବନ ସିନା ବଞ୍ଚିଗଲା, କିନ୍ତୁ ଜୀବିକା ଚିନ୍ତା ସେମାନଙ୍କୁ ଘାରିଛି। ଏଠାରେ ସେମାନଙ୍କର ଜମିବାଡି କିମ୍ବା ରୋଜଗାରର କିଛି ମାଧ୍ୟମ ନାହିଁ। ଘରେ ବୟସ୍କ ଓ ଛୋଟ ପିଲାଙ୍କୁ ଛାଡି ସମସ୍ତେ ଦାଦନ ମୁହାଁ। ଏହା ମଧ୍ୟରେ ସରକାର ବଦଳିଗଲା। ସାତଭାୟାବାସୀ ଆଶା କରିଥିଲେ ନୂଆ ସରକାର ଆସିଲେ ସାତଭାୟାବାସୀଙ୍କ ଭାଗ୍ୟ ବଦଳିଯିବ। ଏହା ମଧ୍ୟରେ ଦେଢବର୍ଷ ବିତିଗଲାଣି। ଜିଲ୍ଲାପାଳ ପରେ ଜିଲ୍ଲାପାଳ ବଦଳୁଛନ୍ତି। ଥଇଥାନସ୍ଥଳୀ ପ୍ରକଳ୍ପର ଚିତ୍ର ବଦଳୁନାହିଁ। ସରକାର କିମ୍ବା ପ୍ରଶାସନର ଆନ୍ତରିକତା କିମ୍ବା ନିଷ୍ଠା ନଥିବା ଅଭିଯୋଗ ହେଉଛି। ପୂର୍ବତନ ଜିଲ୍ଲାପାଳ ସାତଭାୟାବାସୀଙ୍କୁ ମାଛଚାଷ, କୁକୁଡାପାଳନ ଓ ଟେକ୍ସଟାଇଲ କରି ଦାଦନ ରୋକିବାକୁ ପ୍ରତିଶୃତି ଦେଇଥିଲେ। ଏହାମଧ୍ୟରେ ତାଙ୍କର ବଦଳି ହୋଇଗଲାଣି। ନାଁ ଥଇଥାନସ୍ଥଳୀରେ ଯୁବକ ଯୁବତୀମାନେ ଆତ୍ମନିର୍ଭରଶୀଳ ହୋଇପାରିଲେ ? ଏବେବି କେରଳକୁ ଦାଦନ ଖଟିବାକୁ ସପ୍ତାହରେ ୫ଟି ବସରେ ଶ୍ରମିକମାନେ ଯିବା ଆସିବା କରୁଛନ୍ତି। ଦେଖାଯାଉ ଆଜିର ଏହି ଜନସଚେତନତା ଓ ସମୀକ୍ଷା ବୈଠକ ପରେ ସାତଭାୟାବାସୀଙ୍କ ଭାଗ୍ୟ କେବେ ବଦଳୁଛି ?

